# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୨୧.୧୦.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍,
୨. ଶ୍ରୀମତୀ କିରଣବାଳା ମାଝୀ,
୩. ଶ୍ରୀମତୀ ଧରିତ୍ରୀ ଜେନା,
୪.ଶ୍ରୀ ଦୀପକ କୁମାର ମିଶ୍ର,
୫. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ,
୬. ଶ୍ରୀମତୀ ବନ୍ଦିତା ପାଲ୍,
୭. ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପରିଡ଼ା

ଅଦ୍ୟ ତା ୨୧.୧୦.୨୦୨୨ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ରାଜ୍ୟ ସରକାର ଇତି ମଧ୍ୟରେ ୨୦୧୩ ମସିହା ଠାରୁ ନିଯୁକ୍ତି ପାଇଥିବା ଠିକା କର୍ମଚାରୀ ମାନଙ୍କୁ ରେଗୁଲାର୍ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମରେ ଦୀର୍ଘ ୨୦ ରୁ ୨୫ ବର୍ଷରୁ ଅଧିକ ସମୟ ହେବ NMR/DLR ମାନେ କାର୍ଯ୍ୟ କରିଆସୁଛନ୍ତି, ଏପରିକି ମହାବାତ୍ୟା, ମହାମାରୀ, କୋଭିଡ୍ ଇତ୍ୟାଦି ଦୈବି ଦୁର୍ବିପାକରେ ଜୀବନକୁ ବାଜି ଲଗାଇ ଜନସାଧାରଣଙ୍କୁ ସେବା ଯୋଗାଉଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ମଧ ଅବସର ଓ ମୃତ୍ୟୁ କରିସାରିଲେଣି । ସ୍ୱଳ୍ପ ବେତନରେ ସେମାନଙ୍କ ପରିବାର ପୋଷଣ କରିବା କଷ୍ଟକର ହେଉଥିବାରୁ ସେମାନେ କମିଟିକୁ ବାରମ୍ବାର ଅନୁରୋଧ କରୁଛନ୍ତି । ଏହିସବୁ ବିଷୟକୁ ଦୃଷ୍ଟିରେ ରଖି ନିଗମରେ କାର୍ଯ୍ୟରତ DLR/CLR କର୍ମଚାରୀଙ୍କୁ ରେଗୁଲାର୍ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମରେ ୫୮ ଜଣ Data Entry Operator ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିଲେ । ସେମାନଙ୍କ ମଇ-୨୦୨୨ ମାସର ଦରମା ଦିଆଯାଇନଥିବାର କମିଟିଙ୍କ ଦୃଷ୍ଟିକୁ ଆସିଅଛି, ତେଣୁ ସେମାନଙ୍କର ଦରମା ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). NULM guidelines ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମାଂଚଳର ଜନସାଧାରଣଙ୍କୁ ସେବା ଯୋଗାଇଦେବା ନିମନ୍ତେ ଅତି କମ୍‌ରେ ୩୫ ଜଣ Community Organiser Post ର ଆବଶ୍ୟକତା ରହିଥିବା ବେଳେ Community Organiser ମାନଙ୍କର Sanctioned strength ବର୍ତ୍ତମାନ ୨୫ ରହିଛି । ତେଣୁ ଭୁବନେଶ୍ୱର ମହାନଗର ନିଗମାଂଚଳର ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇଦେବା ନିମନ୍ତେ ଆଉ ୧୦ ଗୋଟି Community Organiser Post ଅନୁମୋଦନ କରିବା ସହିତ କର୍ମଚାରୀ ଦେବାପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଭୁବନେଶ୍ୱର ମହାନଗର ନିଗମର ଉପ ବିଭାଗ ଓ ଆଂଚଳିକ କାର୍ଯ୍ୟାଳୟ ସୁପରିଚାଳନା ନିମନ୍ତେ କେଉଁ ବର୍ଗର କେତେ କର୍ମଚାରୀ ଆବଶ୍ୟକ ସମ୍ପୃକ୍ତ ଅଧିକାରୀମାନଙ୍କୁ ମଗାଯାଉ । ସେଗୁଡ଼ିକୁ କମିଟି ଦ୍ୱାରା ଯାଂଚ୍ କରାଯାଇ ଆବଶ୍ୟକ କର୍ମଚାରୀ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧୨.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା ୨୧.୧୦.୨୦୨୨ ରିଖ